## ସଂକ୍ଷେପରେ

### ସହଯୋଗର ହାତ ବଢ଼ାଇଲେ ମହନ୍ତ ଗଙ୍ଗାଧର



ଖଇରା, ୫।୯(ଡି.ଏନ.ଏ.)-ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ପଳସା ମଠ ମହନ୍ତ ଗଙ୍ଗାଧର ମହାନ୍ତି ବଦାନ୍ୟତା ପାଇଁ ସେ ପରିଚିତ ହୋଇସାରିଛନ୍ତି । କର୍କଟ କାମଳ ଭଳି ଅସାଧ୍ୟ ରୋଗରେ ପଡିଥିବା ବ୍ୟକ୍ତିଙ୍କ ଅସ୍ତ୍ରୋପଚାର ପାଇଁ ନିଜ ପେନସନ ଅର୍ଥରୁ ସାମର୍ଥ୍ୟ ମୁତାବକ ସାହାର୍ଯ୍ୟ କରିଥାନ୍ତି । ରବିବାର ସୋର ବ୍ଲକ ଆଟପୁର ପଞ୍ଚାୟତ ବେଲଦା ଗ୍ରାମରେ କର୍କଟ ରୋଗରେ ଆକ୍ରାନ୍ତ କୈଳାସ ନାୟକ(୩୦)ଙ୍କୁ ସହାୟତାର ହାତ ବଢାଇ ପୁଣି ଥରେ ସେ ତାଙ୍କର ମହାନତା ଦେଖାଇଛନ୍ତି । ୫ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିବା ବେଳେ ପ୍ରତ୍ୟେକ ମାସ କିଛି ଅର୍ଥ ପ୍ରଦାନ ପାଇଁ ପ୍ରତିଶ୍ରୁତି ମଧ ଦେଇଛନ୍ତି। କୈଳାସଙ୍କ ବାପା ନରେନ୍ଦ୍ର ଜଣେ ରିକ୍ସା ଚାଳକ ହୋଇଥିବାରୁ ତାଙ୍କ ଅସ୍ତ୍ରୋପଚାର ପାଇଁ ଅଧିକ ସହୟତା ପ୍ରଦାନ କରାଯିବାକୁ ଦାବି ହୋଇଛି।

### ଡମ୍ଫରରୁ ବ୍ୟାଟେରି ଚୋରି ବେଳେ ଧରାପଡିଲେ

ଜଳେଶ୍ୱର, ୫।୯(ଡି.ଏନ.ଏ.)-ଉପାନ୍ତ ଜଳେଶ୍ୱରରେ ଦିନକୁ ଦିନ ଛୋଟ ଛୋଟ ଚୋରି ବଢ଼ିବାରେ ଲାଗିଛି । ପଶ୍ଚିମବଙ୍ଗକୁ ଲାଗି ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକର କାଶିଡ଼ିଆ ଗ୍ରାମ ନିକଟରେ ଛିଡା ହୋଇଥିବା ଏକ ଡମ୍ଫର(ନଂ.ଓଡି୦୧ଏମ୍‌୦୦୭୮)ରୁ ୩ଜଣ ଯୁବକ ଶନିବାର ବିଳମ୍ବିତ ରାତିରେ ବ୍ୟାଟେରି ଚୋରି କରୁଥିବା ବେଳେ ଗ୍ରାମବାସୀଙ୍କ ଦ୍ୱାରା ଧରାପଡିଥିଲେ। ୨ଜଣ ଯୁବକ ଗୋଟିଏ ବ୍ୟାଟେରି ଚୋରି କରି ନେଇ ପଳାଇଯାଇଥିବା ବେଳେ ପଶ୍ଚିମବଙ୍ଗର ମାଟିବିରୁଆ ଗ୍ରାମର କିସମତ ଅଳ୍ପି ଧରାପଡି ଛେଚା ଖାଇଥିଲେ । ଗ୍ରାମବାସୀ ତାଙ୍କୁ ରାତିତମାମ ବାନ୍ଧି ରଖିଥିଲେ। ରବିବାର ସକାଳେ ତାଙ୍କୁ ଛାଡି ଦେଇଥିବା ଜଣାପଡିଛି। ଜଳେଶ୍ୱର ପୋଲିସ୍ ଘଟଣାସ୍ଥଳରେ ପହଞ୍ଚିଥିଲେ ମଧ ଚୋରକୁ ନ ପାଇ ଫେରିଆସିଥିଲେ।

### ସାପ କାମୁଡ଼ାରେ ପ୍ରାଣ ଗଲା

ସୋର, ୫।୯(ଡି.ଏନ.ଏ.)-ବାଲେଶ୍ୱର ଜିଲା ସୋର ବ୍ଲକ ନଟାପଡ଼ା ଗ୍ରାମର ରତିକାନ୍ତ ବେହେରା ନାମକ ଯୁବକଙ୍କ ସାପ କାମୁଡାରେ ପ୍ରାଣ ଯାଇଛି। ଶନିବାର ରାତିରେ ତାଙ୍କ ଭାଇ ସତୀକାନ୍ତଙ୍କ ସହିତ ଘର ଭିତରେ ଶୋଇଥିଲେ। ହଠାତ୍ ତାଙ୍କର ଛାତିରେ ଯନ୍ତ୍ରଣା ହେବାରୁ ଗ୍ୟାସ ହୋଇଥିବା ଭାବି ତାଙ୍କ ବଟିକା ଦେଇଥିଲେ। କିଛି ସମୟ ପରେ ସନ୍ଦେହ ହେବାରୁ ପରିବାର ଲୋକେ ରତିକାନ୍ତଙ୍କୁ ସୋର ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ଡାକ୍ତରୀ ପରୀକ୍ଷା ପରେ ତାଙ୍କ ଦେହରେ ସାପ ବିଷ ଥିବା ଜାଣିପାରି ବାଲେଶ୍ୱରକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯିବା ବେଳେ ବାଟରେ ମୃତ୍ୟୁ ହୋଇଥିଲା। ତାଙ୍କୁ ସୋର ଡାକ୍ତରଖାନାକୁ ଅଣାଯାଇ ବ୍ୟବଚ୍ଛେଦ କରାଯାଇଛି। ଏନେଇ ପୋଲିସ ମାମଲା ରୁଜୁ କରିଛି।

### ରାମସୀତା ମନ୍ଦିରରେ ରତ୍ନ କଳସ ସ୍ଥାପନ

ବାହନଗା, ୫।୯(ଡି.ଏନ.ଏ.)-ବାଲେଶ୍ୱର ଜିଲ୍ଲା ଖନ୍ତାପଡ଼ା ଥାନର ରେମୁଣା ବ୍ଲକ ଶ୍ରୀଜଙ୍ଗ ପଞ୍ଚାୟତ ମହମଦାବାଦ ଗ୍ରାମର ରାମସୀତା ଓ ରାଧାକୃଷ୍ଣ ମନ୍ଦିରର ରତ୍ନ କଳସ ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଛି। ମୁଖ୍ୟ ପୂଜା କାର୍ଯ୍ୟ ତୁଲାଇଥିଲେ ପଣ୍ଡିତ ଦେବେନ୍ଦ୍ର ନନ୍ଦ । ତାଙ୍କ ତତ୍ତ୍ୱାବଧାନରେ ଦୁଇଟି ନୂତନ ମନ୍ଦିରର ରତ୍ନ କଳସ ସ୍ଥାପନ କରାଯାଇଛି। କର୍ତ୍ତାକର୍ତ୍ତା ଭାବେ କାର୍ଯ୍ୟ ତୁଲାଇଥିଲେ ଗ୍ରାମର ବସନ୍ତ କୁମାର ମହାନ୍ତି ଓ ତାଙ୍କ ପତ୍ନୀ କ୍ରିଷ୍ଣାରାଣୀ ସେନାପତି। ରୀତିନୀତି ଅନୁସାରେ ରବିବାର ସମସ୍ତ ପୂଜା କରାଯାଇ ଅପରାହ୍ନରେ ମନ୍ଦିର ରତ୍ନକଳସ ସ୍ଥାପନ କରାଯାଇଥିଲା। କାର୍ଯ୍ୟକ୍ରମକୁ ରବୀନ୍ଦ୍ର ମହାନ୍ତି, ସୁରେଶ ଚନ୍ଦ୍ର ମହାନ୍ତି, ଅମର ପଳେଇ, ଦୁର୍ଯ୍ୟୋଧନ ବାରିକ, ପ୍ରଶାନ୍ତ ପଣ୍ଡା, ମନୋରଞ୍ଜନ ସାହୁ, ବାବୁନ ସ୍ୱାଇଁ, ପ୍ରମୋଦ କୁମାର ମହାନ୍ତି, ଦୁର୍ଯ୍ୟୋଧନ ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ କୃପାଳୁ ଜୀ ମହାରାଜଙ୍କ ଦ୍ୱରା ସତ୍‌ସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# 'ଐତିହ୍ୟ ସୁରକ୍ଷାରେ ସରକାରୀ ଉଦାସୀନତା'

## ଇନ୍‌ଟାକ୍ ବାଲେଶ୍ୱର ଚାପ୍ଟର ଦ୍ୱାଦଶ ପ୍ରତିଷ୍ଠା ଦିବସ

ବାଲେଶ୍ୱର ଅଫିସ, ୫।୯

ବାଲେଶ୍ୱର ଆଇଟିଆଇସ୍ଥିତ ଉଦ୍ୟୋଗଭବନ ପରିସରରେ ଇନ୍‌ଟାକ୍ ବାଲେଶ୍ୱର ଚାପ୍ଟରର ଦ୍ୱାଦଶତମ ପ୍ରତିଷ୍ଠା ଦିବସ ରବିବାର ପାଳିତ ହୋଇଛି। ଚାପ୍ଟରର ଦିବଙ୍ଗତ ଆବାହକ ହିମାଂଶୁ ଦାସ ଏବଂ ଅନ୍ୟ ଦୁଇଜଣ ବରିଷ୍ଠ ସଦସ୍ୟଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। ମୁଖ୍ୟଅତିଥି ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଇନ୍‌ଟାକ୍‌କୁ ଏକ ବିଶ୍ୱସ୍ତରୀୟ ଐତିହ୍ୟ ରକ୍ଷାକାରୀ ହିସାବରେ ବର୍ଣ୍ଣନା କରିବା ସହିତ ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗ ସହିତ ସହଭାଗିତାରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇପାରେ ବୋଲି ଆଶାବ୍ୟକ୍ତ କରିଥିଲେ। ସେ ମଧ ଇନ୍‌ଟାକ୍‌ର ଆଜୀବନ ସଭ୍ୟପଦ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।



ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

ଆବାହକ ଉଦୟରଞ୍ଜନ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ସହ ଆବାହକ ସଂଗ୍ରାମ କୁମାର ଦାସ ଚାପ୍ଟରରର ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟବକ୍ତା ଇନ୍‌ଟାକ୍ ଭୁବନେଶ୍ୱର ଚାପ୍ଟରର ଆଜୀବନ ସଦସ୍ୟ ଏବଂ ଗବେଷକ ଅନୀଲ୍ ଧୀର ତାଙ୍କର ବକ୍ତବ୍ୟରେ ବାଲେଶ୍ୱର ଚାପ୍ଟରର କାର୍ଯ୍ୟକଳାପର ପ୍ରଶଂସା କରିବା ସହିତ ଓଡ଼ିଶାରେ ଐତିହ୍ୟ ସୁରକ୍ଷାରେ ସରକାରୀ ଉଦାସୀନତାର ବର୍ଣ୍ଣନା ଦେଇଥିଲେ। ଅତିରିକ୍ତ ସହ ଆବାହକ ଅର୍ଚ୍ଚନା ନନ୍ଦୀ ଏବଂ ଗୀତାଞ୍ଜଳି ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଗୁରୁଦିବସ ଉପଲକ୍ଷେ ବାରବାଟୀ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ନିଗ୍ଧା ପଣ୍ଡା ଏବଂ ରସାଲପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ଶତପଥୀଙ୍କୁ ସମ୍ମାନିତ କରାଯାଇଥିଲା। ସତ୍ୟନାରାୟଣ ନନ୍ଦ ଏବଂ ଅଖିଳ କୁମାର ଦାସ ମାନପତ୍ର ପାଠ କରିଥିଲେ। ଇନ୍‌ଟାକ୍ ଦ୍ୱାରା ପରିଚାଳିତ ସର୍ବଭାରତୀୟ ସ୍ତରର ପ୍ରତିଯୋଗିତାରେ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ଅଲିଭା ଦାସ ପରିଚାଳନା କରିଥିଲେ। ଚାପ୍‌ଟାରର ମୁଖପତ୍ର 'ପରମ୍ପରା' ଉନ୍ମୋଚିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ସମ୍ପାଦକ ଡ. ହରିଶ ଚନ୍ଦ୍ର ବେହେରା ଏବଂ ସହସମ୍ପାଦକ ବିଶ୍ୱନାଥ ରଣା ପରିଚାଳନା କରିଥିଲେ। ଅତିରିକ୍ତ ସହଆବାହକ ନିକୁଞ୍ଜ ବିହାରୀ ଦାସ ଧନ୍ୟବାଦ ପ୍ରସ୍ତାବ ଦେଇଥିଲେ। ସଭ୍ୟ ଯଶୋଦା ନନ୍ଦନ ଆଶ, ମାତୃଦତ୍ତ ଦାସ, ଭାବଗ୍ରାହୀ ମହାନ୍ତି, ଶୀତିକଣ୍ଠ ଦିକ୍ଷୀତ୍ ପରିଚାଳନା କରିଥିଲେ।

# ହିନ୍ଦ୍ ମଜଦୁର ସଭାରେ ଯୋଗଦେଲେ ଧାମରା ବନ୍ଦରର ଶତାଧିକ କର୍ମଚାରୀ

ବାଲେଶ୍ୱର ଅଫିସ, ୫।୯

ହିନ୍ଦ ମଜଦୁର ସଭାର ଧାମରାଠାରେ ଆୟୋଜିତ ବୈଠକରେ ଧାମରା ବନ୍ଦରର ଶତାଧିକ କର୍ମଚାରୀ ବିଭିନ୍ନ ଅନୁଷ୍ଠାନ ଛାଡ଼ି ସଂଘରେ ଯୋଗଦେଇଛନ୍ତି। ମାନୀକଲାଲ ମାନ୍ନା, ମାନସ ସାହୁ, ସିମନ୍ତ ଦାସ, ମାନୀକ ସାହୁ, ଲିପୁନ ବୁରେଇ, ଶିବଶଙ୍କର ପଲେଇଙ୍କ ନେତୃତ୍ୱରେ ଶତାଧିକ କର୍ମଚାରୀ ହିନ୍ଦ ମଜଦୁର ସଭାର ସଦସ୍ୟତା ଗ୍ରହଣ କରିଥିଲେ।

ବୈଠକରେ ହିନ୍ଦ ମଜଦୁର ସଭାର ସଭାପତି ଅରୁଣ କୁମାର ସ୍ୱାଇଁ ଯୋଗଦେଇ ଧାମରା ବନ୍ଦରରେ ହିନ୍ଦ ମଜଦୁର ସଭାର ଦୁଇଟି ସଙ୍ଗଠନ (ଧାମରା ବନ୍ଦ ମଜଦୁର ସଭା ଏବଂ ଆଉ ଗୋଟିଏ ଧାମରା ପୋର୍ଟ ଇଞ୍ଜିନିୟରିଂ ଆସୋସିଏଶନ) ଶ୍ରମିକମାନଙ୍କ ପାଇଁ କାର୍ଯ୍ୟ କରୁଛି। ସଙ୍ଗଠନ ମାଧ୍ୟମରେ ଶ୍ରମିକ ଓ କର୍ମଚାରୀମାନେ ନିଜର ନାର୍ଯ୍ୟ ଦାବି ହାସଲ କରିପାରିବେ। ଆଗାମୀ ଦିନରେ ବନ୍ଦର ଅଭିବୃଦ୍ଧି ସହିତ କର୍ମଚାରୀମାନଙ୍କର ଯେଉଁ ଅସୁବିଧା ଅଛି ସେସବୁ ଯଥାଶୀଘ୍ର ସମାଧାନ କରିବା ପାଇଁ ବନ୍ଦର କର୍ତ୍ତୃପକ୍ଷ ତଥା ଉପସଭାପତି ଜଗତ ପରିଜା ଏବଂ ଉପସଭାପତି (ଏଚ୍‌ଆର୍) ତାପସ ଆଚାର୍ଯ୍ୟଙ୍କ ସହିତ ଆଲୋଚନା ହୋଇଛି ବୋଲି ସ୍ୱାଇଁ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକାରୀ ସଭାପତି ବରେନ୍ଦ୍ର ଲେଙ୍କା, ଉପସଭାପତି ଜୟନ୍ତ ବେହେରା, ସାଧାରଣ ସମ୍ପାଦକ ସତ୍ୟଶୋଭନ ଜେନା, ସାଧାରଣ ସମ୍ପାଦକ ପ୍ରଭୁରାମ ଜେନା, ପ୍ରତାପ ସାହୁ, ସଦାଶିବ ରାଉତ, ଅମୀୟ ମିଶ୍ର, ବିକାଶ ନିରାଲା ବୈଠକରେ ଯୋଗଦେଇ ଶ୍ରମିକଙ୍କ ସମସ୍ୟା ଉପରେ ଆଲୋଚନା କରିଥିଲେ।



ନୂତନ ସଦସ୍ୟଙ୍କ ଗହଣରେ ହିନ୍ଦ ମଜଦୁର ସଭାର ସଭାପତି।

# ବିଭିନ୍ନ କାର୍ଯ୍ୟରେ ଅନିୟମିତତା ନେଇ ଅସନ୍ତୋଷ



କାର୍ଯ୍ୟକାରିଣୀ ବୈଠକରେ ଭାଜପା କର୍ମକର୍ତ୍ତା।

## ବାଘାଯତୀନ ମଣ୍ଡଳ କାର୍ଯ୍ୟକାରିଣୀ

ରେମୁଣା, ୫।୯(ଡି.ଏନ.ଏ.)

ରେମୁଣା ଭାଜପା ବାଘାଯତୀନ ମଣ୍ଡଳର ସଭାପତି କୃଷ୍ଣ ଚନ୍ଦ୍ର ସାହାଙ୍କ ଅଧ୍ୟକ୍ଷତାରେ ମଣ୍ଡଳ କାର୍ଯ୍ୟକାରିଣୀ ବୈଠକ ରେମୁଣା ଭାଜପା କାର୍ଯ୍ୟାଳୟ ବାଲିଆ, କୁକୁଡାପଦାଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ରାଶନକାର୍ଡ଼ରେ ଅନିୟମିତତା, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି, ୟାସ୍ ବାତ୍ୟା କ୍ଷୟକ୍ଷତି ଓ ବନ୍ୟା ଯୋଗୁ ନଦୀକୂଳିଆ ପଞ୍ଚାୟତବାସୀଙ୍କ ଦୁର୍ଦ୍ଦଶା ସମ୍ବନ୍ଧରେ ଆଲୋଚନା କରାଯାଇ ଅସନ୍ତୋଷ ପ୍ରକାଶ କରାଯାଇଥିଲା। ଜିଲା ସଭାପତି ଉମାକାନ୍ତ ମହାପାତ୍ର, ନିର୍ବାଚନମଣ୍ଡଳୀ ନେତା ଗୋବିନ୍ଦ ଚନ୍ଦ୍ର ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି, ଜିଲା ଉପସଭାନେତ୍ରୀ କମଳା ବିନ୍ଧାଣି, ବ୍ଲକ ଚେୟାରମ୍ୟାନ ତଥା ଜିଲା ଉପସଭାପତି ସୁଶାନ୍ତ ପଟ୍ଟନାୟକ, ଜିଲା ସାଧାରଣ ସମ୍ପାଦକ ଈଶ୍ୱର ବେହେରା ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏହାଛଡ଼ା ମଣ୍ଡଳର ୧୨ ଗୋଟି ପଞ୍ଚାୟତରୁ ସରପଞ୍ଚ, ସମିତି ସଭ୍ୟାସଭ୍ୟ, ଶକ୍ତି କେନ୍ଦ୍ର ପ୍ରମୁଖ, ସହପ୍ରମୁଖ ଏବଂ ମଣ୍ଡଳର ୬୧ ଜଣିଆ କମିଟିର ସଦସ୍ୟା/ସଦସ୍ୟ ଉପସ୍ଥିତ ଥାଇ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଶେଷରେ ମଣ୍ଡଳର ମିଡ଼ିଆ ସଂଯୋଜକ ଯତୀନ୍ଦ୍ରନାଥ ପୁହାଣ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# କଣ୍ଟେନର ଧକ୍କାରେ ଗୋରୁ ଚରାଳିଙ୍କ ମୃତ୍ୟୁ

ରୂପସା, ୫।୯(ଡି.ଏନ.ଏ.)

ବାଲେଶ୍ୱର ୬୦ ନମ୍ବର ଜାତୀୟ ରାଜପଥର ବସ୍ତା ଥାନା ଅନ୍ତର୍ଗତ ନଳବାହାର ଛକ ନିକଟରେ ରବିବାର ଏକ ଦୁର୍ଘଟଣା ଘଟିଛି। ରାଜପଥ ଦେଇ ବିଲକୁ ଗୋରୁ ଚରାଇବାକୁ ଯାଉଥିବା ବେଳେ ଏକ କଣ୍ଟେନର ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ୨ଟି ଗୋରୁ ଗୁରୁତର ଆହତ ହୋଇଛନ୍ତି। ମୃତ ଯୁବକ ହେଲେ ଏହି ଥାନା ଅଧିନ ଦୁଧହଂସା ଗ୍ରାମର ମନୋରଞ୍ଜନ ରାଉତ (୪୫)। ଦୁର୍ଘଟଣା ପରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଉତ୍ତେଜନା ପ୍ରକାଶ ପାଇଥିଲା।

ମନୋରଞ୍ଜନ ଗୋରୁପଲଙ୍କ ସହ ରାସ୍ତା ପାର୍ ହେଉଥିବା ବେଳେ ଜଳେଶ୍ୱର ଆଡୁ ବାଲେଶ୍ୱର ଅଭିମୁଖେ ଆସୁଥିବା ଏକ କଣ୍ଟେନର(ନଂ.ଏନ୍‌ଏଲ୍‌୦୧ଏବି-୬୩୪୭) ପ୍ରଥମେ ଗୋରୁପଲଙ୍କୁ ଧକ୍କା ଦେଇ ତାଙ୍କ ଉପରକୁ ଚଢ଼ି ଯାଇଥିଲା। ଘଟଣାସ୍ଥଳରେ ମନୋରଞ୍ଜନଙ୍କ ମୃତ୍ୟୁ ହୋଇଥିଲା। ଗ୍ରାମବାସୀ ସେଠାରେ ପହଞ୍ଚି ଉତ୍ତେଜନା ସୃଷ୍ଟି କରିଥିଲେ। ଦୀର୍ଘ ୧ ଘଣ୍ଟା ପର୍ଯ୍ୟନ୍ତ ଉତ୍ତେଜନା ଲାଗି ରହିବା ସହ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଉଭୟ ବସ୍ତା ଓ ରୂପସା ଥାନା ପୋଲିସ ଓ ସ୍ଥାନୀୟ ସରପଞ୍ଚ ପ୍ରତିନିଧି ମନୋରଞ୍ଜନ ବିଶ୍ୱାଳ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା ରୁଜୁ କରି ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଦୁର୍ଘଟଣା ଘଟାଇଥିବା କଣ୍ଟେନରକୁ ଥାନା ହେପାଜତରେ ରଖାଯାଇଥିବା ବେଳେ ଡ୍ରାଇଭର ଜଣକ ଚମ୍ପଟ ମାରିଥିବା ଜଣାପଡିଛି।

# ସର୍ବଦଳୀୟ ବୈଠକରେ ଆନ୍ଦୋଳନ ନିଷ୍ପତ୍ତି

## ଆଦର୍ଶ ବିଦ୍ୟାଳୟ ସ୍ଥାନାନ୍ତର ପ୍ରସଙ୍ଗ

ବସ୍ତା, ୫।୯(ଡି.ଏନ.ଏ.)

ବାଲେଶ୍ୱର ଜିଲା ବସ୍ତା ବ୍ଲକ ଅଧୀନ ପତ୍ରଝଡ଼ା ପଞ୍ଚାୟତରେ ନିର୍ମାଣ ହେବାକୁ ଥିବା ଆଦର୍ଶ ବିଦ୍ୟାଳୟ ସ୍ଥାନାନ୍ତର ନେଇ ଜନଅସନ୍ତୋଷ ବୃଦ୍ଧି ପାଇଛି। ରବିବାର ପତ୍ରଝଡ଼ା ପଞ୍ଚାୟତ ସମ୍ମିଳନୀ କକ୍ଷରେ ପତ୍ରଝଡ଼ା ପଞ୍ଚାୟତର ସମିତିସଭ୍ୟ କୋମଳଲୋଚନ ଯେନା ଆବାହକତ୍ୱରେ ପୂର୍ବତନ ସରପଞ୍ଚ ତଥା ବସ୍ତା ବ୍ଲକ କଂଗ୍ରେସ ସଭାପତି ସତ୍ୟନାରାୟଣ ଗୁପ୍ତାଙ୍କ ସଭାପତିତ୍ୱରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଦଳ ମତ ନିର୍ବିଶେଷରେ ରାଜନେତା, ଖବରଦାତା, ସମାଜସେବୀ ତଥା ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଆନ୍ଦୋଳନ ପାଇଁ ନିଷ୍ପତ୍ତି ନେଇଥିଲେ। ଏହି ବୈଠକରେ ସଦାନନପୁର ସରପଞ୍ଚ ତଥା ବିଜେଡି ବସ୍ତା ବ୍ଲକ ସଭାପତି ଅନୀଲ କୁମାର ମହାନ୍ତି, ଜିଲା କଂଗ୍ରେସ କମିଟିର ଉପସଭାପତି ମନୋଜ କୁମାର ମହାନ୍ତି, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ଯେନା, ସମିତିସଭ୍ୟ ରବୀନ୍ଦ୍ର କୁମାର ଦାସ, ପତ୍ରଝଡ଼ା ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ଯୁବନେତା ଜଗଦୀଶ ସାହୁ, ସୁଶାନ୍ତ କୁମାର ପରିଡ଼ା, ନାରାୟଣ ସାହୁ, ଅଭୟ ଲେଙ୍କା, ବିଜୟ ସାହୁ, ଅରୁଣ ମଣ୍ଡଳ, ସେକ୍ ମୁସ୍ତାକ, ବିମ୍ବାଧର ବେହେରା, ଖବରଦାତା ଦିନବନ୍ଧୁ ପ୍ରଧାନ ଗୋପାଳ ମାଝୀ, ଛାତ୍ର କଂଗ୍ରେସ ନେତା ଦ୍ୟୁତିକୃଷ୍ଣ ଦାସ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ପତ୍ରଝଡ଼ା ପଞ୍ଚାୟତ ସମ୍ମିଳନୀ କକ୍ଷରେ ବସିଥିବା ସର୍ବଦଳୀୟ ବୈଠକ।

# ଗୁରୁଦିବସରେ ଗଲା ଗୁରୁଙ୍କ ଜୀବନ

## ସ୍କୁଲରୁ ଘରକୁ ଫେରିବା ବେଳେ ଦୁର୍ଘଟଣା

ରୂପସା, ୫।୯(ଡି.ଏନ.ଏ.)

ଗୁରୁ ଦିବସରେ ସଡକ ଦୁର୍ଘଟଣାରେ ଜଣେ ଆଦର୍ଶ ଗୁରୁଙ୍କ ଜୀବନ ଯାଇଛି। ସ୍କୁଲରୁ ଘରକୁ ଫେରୁଥିବା ବେଳେ ଘଟିଛି ଦୁର୍ଘଟଣା। ବାଲେଶ୍ୱର ଜିଲା ୬୦ ନଂ. ଜାତୀୟ ରାଜପଥର ବସ୍ତା ଥାନା ଭୋଲୋରା ଛକ ନିକଟରେ ରବିବାର ଦୁଇଟି ବାଇକ୍ ସାମ୍ନାସାମ୍ନି ଧକ୍କା ହେବା ଫଳରେ ଜଣେ ଶିକ୍ଷକଙ୍କ ମୃତ୍ୟୁ ଘଟିଛି। ମୃତ ଶିକ୍ଷକ ହେଲେ ବସ୍ତା ଥାନା ବେଣାପୁରା ଗ୍ରାମର ଭବାନୀ ମହାପାତ୍ର। ସ୍ଥାନୀୟ ବାଗଲଡ଼ିହା ପ୍ରାଥମିକ ବିଦ୍ୟାଳୟରେ ସେ ଶିକ୍ଷକତା କରନ୍ତି। ଗୁରୁଦିବସ ଥିବାରୁ ସେ ସକାଳେ ସ୍କୁଲ ଯାଇଥିଲେ। କାର୍ଯ୍ୟକ୍ରମ ସାରି ଘରକୁ ବାଇକ ଯୋଗେ ଫେରୁଥିବା ବେଳେ ଭେଲୋରା ନିକଟରେ ଅପରପଟରୁ ଆସୁଥିବା ଏକ ବାଇକ ସହିତ ତାଙ୍କର ମୁହାଁମୁହିଁ ଧକ୍କା ହୋଇଥିଲା। ଗୁରୁତର ଅବସ୍ଥାରେ ଆହତ ଶିକ୍ଷକଙ୍କୁ ସ୍ଥାନୀୟ ଲୋକେ ରାଜପଥ ଆମ୍ବୁଲାନ୍ସ ଯୋଗେ ବସ୍ତା ଡାକ୍ତରଖାନାକୁ ନେଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବସ୍ତା ପୋଲିସ ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଛି।

# ଓଡ଼ିଶୀ ଶୈଳୀର ବିକାଶ ଦିଗରେ ଏକାମ୍ର ଥିଲା ପରୀକ୍ଷାଗାର





ଡ. ସୁରେନ୍ଦ କୁମାର ମିଶ୍ର

ଆମେ ପୂର୍ବରୁ ଆଲେଖ୍ୟରେ ବିଚାର କରିଥିଲେ ଗୋଟିଏ ଜାତି ପଥର ଶିଳ୍ପକଳାର ଶୀର୍ଷ ସ୍ଥାନରେ ପହଞ୍ଚିବା ଆଗରୁ କେତେ ଯେ ପରୀକ୍ଷା ନିରୀକ୍ଷା ଦେଇ ବିକାଶ ପଥରେ ଆଗେଇଥିବ, କଳ୍ପନା କରିବା ସମ୍ଭବ ନୁହେଁ। ଶିଳ୍ପୀର ସେ ଦୀର୍ଘଯାତ୍ରା ଆଜି ଆମେ ଚର୍ଚ୍ଚା ପରିସରକୁ ଆଣୁଛେ ଏଇଥି ପାଇଁ ଯେ ଯୋଉ ପଣ୍ଡିତମାନେ ଲେଖିଗଲେ ଓଡ଼ିଆ ଶିଳ୍ପୀ ଏପରି ମନ୍ଦିର ଗଢ଼ି ନ ଥିବେ, ଗଢ଼ିବା ସମ୍ଭବ ନୁହେଁ, ସେଇମାନଙ୍କୁ ବିକାଶପଥର ଐତିହ୍ୟର ଏକ ଚିତ୍ର ଦେବା। ନିଜେ ବି ହେଜିବା।

ଦୁର୍ଗାଚରଣ ପଣ୍ଡା ଏକ ନିଚ୍ଛକ ପ୍ରତିଛବି ଶିଳ୍ପୀଙ୍କର ଦୀର୍ଘ ବିକାଶଯାତ୍ରାର ଆଙ୍କିଛନ୍ତି। ସେ ସ୍ପଷ୍ଟ କରିଛନ୍ତି xxx ଖ୍ରୀ.ପୂ. ୨ୟ ଶତାବ୍ଦୀରୁ ଦୀର୍ଘ ୧୫୦୦ ବର୍ଷ ଧାରାବାହିକ ଭାବେ ଏକାମ୍ର କ୍ଷେତ୍ରରେ, ପ୍ରତ୍ୟେକ ଶତାବ୍ଦୀରେ କୌଣସି ନା କୌଣସି ମନ୍ଦିର ନିର୍ମିତ ହୋଇଆସିଛି। xxx ମନ୍ଦିର ନିର୍ମାଣର ଅଙ୍କୁରୋଦ୍‌ଗମଠାରୁ ଚରମ ବିକାଶଧାରାର ଅଧ୍ୟୟନ ନିମନ୍ତେ ମନ୍ଦିରନଗରୀ ଭୁବନେଶ୍ୱର ଏକ ଅପୂର୍ବ ସ୍ଥାନ। (ତତ୍ରୈବ)।

ବାସ୍ତବରେ କେତେ ଯେ ଛୋଟଛୋଟ ମନ୍ଦିର ଗଢ଼ାହୋଇଥିବ, କେତେ ଶାସ୍ତ୍ରୀୟଶୈଳୀ ଆପଣେଇ ନେବାକୁ ପଡ଼ିଥିବ, କେତେ ନୂଆ ଶୈଳୀ, ନୂଆ ମାପ ତା' ମଧରେ ଯୋଗ ହୋଇଥିବ ତା'ର ଇତିହାସ ନ ମିଳିଲେ ମଧ, ଗୋଟିଏ କଥା ମିଳେ ଶାସ୍ତ୍ରୀୟଧାରାରୁ ମୁକ୍ତ ହୋଇ ଆବଶ୍ୟକ ଅନୁଯାୟୀ ଯେତେବେଳେ ବିଚାର ବିମର୍ଶ କରି ଓଡ଼ିଆ ସ୍ଥପତି ନୂତନ ଶୈଳୀ ଖଞ୍ଜିଥିବେ ସେତେବେଳେ ତାକୁ ତାଳପତ୍ର ପୋଥିରେ ଲେଖିଥିବେ। ତାହା ହିଁ ଓଡ଼ିଶାର ନିଜସ୍ୱ ଶିଳ୍ପଶାସ୍ତ୍ର ହୋଇଯାଇଛି। ସେଇ ନୂତନ କୌଶଳ, ନୂତନ ପରିପାଟୀ ହୋଇଯାଇଛି ଓଡ଼ିଶୀ ଶୈଳୀ। କେବେ କଳିଙ୍ଗଶୈଳୀ ରୂପେ ପରିଚିତ ହୋଇଛି ତ କେବେ ଉତ୍କଳ ଶୈଳୀ ରୂପେ। ଏବେ ଆମେ ସାତୋଟିଯାକ ସାମ୍ରାଜ୍ୟର ଶୈଳୀକୁ କହିପାରିବା 'ଓଡ଼ିଶୀ ଶୈଳୀ'।

ମନ୍ଦିରଟି ଆରମ୍ଭ କରିବାଠାରୁ ଦେବତାଙ୍କୁ ପ୍ରତିଷ୍ଠା କରି ଉପାସନା ଆରମ୍ଭ ପର୍ଯ୍ୟନ୍ତ ୮ଟି ପର୍ଯ୍ୟାୟ ଦେଇ ଗତି କରିବାକୁ ପଡ଼େ। ବଡ଼ମନ୍ଦିରଟିଏ ଗଢ଼ିବା ପୂର୍ବରୁ ତା'ର ପ୍ରତିକୃତି ଛୋଟ ମନ୍ଦିରଟିଏ ପ୍ରଥମେ ଗଢ଼ା ହୋଇଥିବ। ତାହା ହିଁ ହୋଇଥିଲା କୋଣାର୍କଠାରେ ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ ହେବା ପୂର୍ବରୁ। ଚାରି ସ୍ଥାନରେ ରହୁଥିଲେ ଶିଳ୍ପୀ। ରହୁଥିବା ସ୍ଥାନରେ ମୁଖ୍ୟମନ୍ଦିରର ବିଭିନ୍ନ ଦୃଷ୍ଟିକୋଣକୁ ବିଚାର କରି ପ୍ରତିକୃତି ମନ୍ଦିର ଗଢ଼ାଯାଇଥିଲା। ଚଉରାଶି ଗ୍ରାମରେ କୋଣାଦିତ୍ୟଠାରେ ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣର ଦେଢ଼ଶହ ବର୍ଷ ପୂର୍ବରୁ ବାରାହୀ ଦେବୀଙ୍କ ମନ୍ଦିର ନିର୍ମାଣ ହୋଇସାରିଥିଲା। ଏଠାରେ ୩୦୦ ମହାରଣା ରହିଥିଲେ। ତେଣୁ ଏହି ମନ୍ଦିର ବଢ଼େଇ ମନ୍ଦିର ଭାବରେ ମଧ ପ୍ରସିଦ୍ଧ ହୋଇଯାଇଥିଲା। ଦୁଇଟି ମନ୍ଦିର ଦେଖିହେଉଛି। ଆଉ ଦୁଇଟି ଅଧାଭଙ୍ଗା ହୋଇ ଧ୍ୱଂସପଥରେ ଆଗେଇ ଚାଲିଛି। 'ଗୋପ' ନିକଟରେ ରହିଛି କିଲ୍ଲା ବୟାଳିଶ ବାଟି।



ଗଡ଼ରୂପାସର ଉପାସ୍ୟା ଦେବୀ ବଡ଼ତାରା।

ସେଇ ମନ୍ଦିରର ମଧ ମୁଣ୍ଡି ମରାଯାଇଥିଲା କି ନା ଜଣା ପଡୁନାହିଁ। ଦଧିନଉତି ଉପରକୁ ନାହିଁ। ଏହି ମନ୍ଦିରର ନିର୍ମାଣ ପାଇଁ ଗଙ୍ଗା ମହାପାତ୍ରଙ୍କ ଆଦେଶରେ ପଥରସବୁ ୧୨ଟି ଶଗଡ଼ରେ ବୈୟାଳିଶ ବାଟିକୁ ପ୍ରଥମେ ଆସିଥିଲା। ଭିତ୍ତିଭୂମି ସ୍ଥିର କରି ମାପଚୁପ କରିଥିଲେ ସୂତ୍ରଧର (ସଦାଶିବ ସାମନ୍ତରାୟ ମହାପାତ୍ର)ଙ୍କ ପୁତ୍ର ଧର୍ମ ମହାପାତ୍ର। ସେଇ ଧର୍ମପଦ ଇୟେ; ଯାହାଙ୍କୁ ନେଇ ଅସରନ୍ତି କିମ୍ବଦନ୍ତୀ, ଶେଷହୀନ ଜନଶ୍ରୁତି। ସେ ହାତୀରେ ବସି କୋଣାଦିତ୍ୟରୁ ଆସିଥିଲେ କିଲ୍ଲା ବୟାଳିଶ ବାଟିକୁ। ପୋଥିର ୪୯ ପତ୍ର କଥା ଇୟେ। କିନ୍ତୁ ଆମେ ତାଙ୍କୁ ଜନଶ୍ରୁତିରେ ମାରିଦେଇଛେ।

ମାପଚୁପ ଦେବାପରେ କିଲ୍ଲା ବୟାଳିଶ ବାଟି ଆସ୍ଥାନରେ ତିନିଶହ ବିଶ୍ୱକର୍ମା ଗଢ଼ିଥିଲେ ଦେବୀ ଗଙ୍ଗେଶ୍ୱରୀଙ୍କ ମନ୍ଦିର। ମା' ଗଙ୍ଗେଶ୍ୱରୀ ଥିଲେ ଶକ୍ତି ପ୍ରଦାୟିନୀ। ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ ପୂର୍ବରୁ ଗଢ଼ାସରିଥିଲା ଏଇ ମନ୍ଦିର। ଏଇ କିଲ୍ଲାର ଭ୍ରମରବର ହରିଚନ୍ଦନଙ୍କୁ ଆମେ ସ୍ମରଣ କରିବା; ଯାହାଙ୍କୁ ଗଜପତି ଦେଇଥିଲେ ମନ୍ଦିରର ହିସାବ-ନିକାଶ ଦାୟିତ୍ୱ। ଠିକ୍ ସେହିପରି 'ଚଉରାଶି'ରେ ତିନିଶହ ବିଶ୍ୱକର୍ମା ରହିବା ପୂର୍ବରୁ ଗଢ଼ିଉଠିଥିଲା ମା' ବାରାହୀଙ୍କ ମନ୍ଦିର। ମା' ଗଙ୍ଗେଶ୍ୱରୀ ଯଜ୍ଞରେ ପ୍ରତିଷ୍ଠା ପାଇଲାପରି ମା' ବାରାହୀ ମଧ ଯଜ୍ଞରେ ପ୍ରତିଷ୍ଠା ହୋଇଥିଲେ। ତାଙ୍କୁ କୁହାଯାଏ ଯଜ୍ଞବାରାହୀ। ଯଜ୍ଞ ହୋଇ ପବିତ୍ର ହୋଇଥିଲା ଗୋଲରାଗଡ଼। ସେଇଠି ରହୁଥିଲେ ତିନିଶହ ବିଶ୍ୱକର୍ମା। ଯଜ୍ଞ ଅନୁଷ୍ଠାନରେ ସେମାନେ ଯେଉଁ ଶକ୍ତିମୟୀଙ୍କୁ ପ୍ରତିଷ୍ଠା କରିଥିଲେ ସେ ଥିଲେ ଯଜ୍ଞବରୁଣେଇ। ଲିଭି ଲିଭି ଆସୁଛି ସେ ଐତିହ୍ୟ। ତିନିଶହ ବିଶ୍ୱକର୍ମା ଗଡ଼ରୂପାସରେ ରହୁଥିଲେ। ତାଙ୍କର ଉପାସ୍ୟ ଥିଲେ 'ବଡ଼ତାରା'। ବଡ଼ତାରାଙ୍କଠାରୁ ଗଡ଼ଦେବୀ ମା' କନକଦୁର୍ଗାଙ୍କୁ ମୁଣ୍ଡିଆ ମାରି ହତିଆର ଧରି ସେମାନେ ବାହାରି ଯାଉଥିଲେ 'ବଢ଼େଇଗୋହିରି' ଦେଇ ପଦ୍ମତୋଳା ଗଣ୍ଡ ନିକଟକୁ। ଏହି ଗଡ଼ର ଦଳବେହେରା ଆମ ଜାତିର ନମସ୍ୟ ପୁରୁଷ। ସେହି 'ବିଶ୍ୱାସପୁରୁଷ'ଙ୍କ ଉପରେ ଥିଲା ନିର୍ମାଣ ପରିଚାଳନା ଦାୟିତ୍ୱ। ଚାରି ଆସ୍ଥାନରୁ ଆସିଲେ ବି ଶେଷରେ ମା' ଭଗବତୀଙ୍କ ଆଶ୍ରିତ ହୋଇ କାମ ଆରମ୍ଭ କରୁଥିଲେ।

